# REGIONAL NEWS UNIT, AIR CUTTACK

## Evening Bulletin (6.45 PM)

**12 April - 2025**

**********************************

## ମୁଖ୍ୟ ସମ୍ବାଦ

- ଭୁବନେଶ୍ୱର ଏମ୍ସରେ କେନ୍ଦ୍ରୀୟ ଗବେଷଣା ପ୍ରୟୋଗଶାଳାର ଉଦ୍‌ଘାଟନ କଲେ କେନ୍ଦ୍ର ସ୍ୱାସ୍ଥ୍ୟମନ୍ତ୍ରୀ ଜେ.ପି.ନଡ୍ଡା
- ପୁରୀରେ ଚାଲିଥିବା ସାଂସଦ ଓ ବିଧାୟକଙ୍କ ପ୍ରଶିକ୍ଷଣ ଶିବିରରେ ୧୪ଟି ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗ ଉପରେ ଆଜି ହୋଇଛି ଆଲୋଚନା
- ସୁସ୍ଥ ସମାଜ ଗଠନ ଦିଗରେ ଓଡ଼ିଆ ବରପୁତ୍ରଙ୍କର ସ୍ମୃତିଚାରଣ ଉଦ୍ଦେଶ୍ୟରେ ଆଜି ପାଳିତ ହୋଇଯାଇଛି 'ବନ୍ଦନୀୟ ବରପୁତ୍ର ଦିବସ'

ଏବଂ

- କାଳବୈଶାଖୀର ପ୍ରଭାବରେ ଭୁବନେଶ୍ୱର, କଟକ ସମେତ ରାଜ୍ୟର ବିଭିନ୍ନ ସ୍ଥାନରେ ଝଡ଼ତୋଫାନ ଓ ବର୍ଷା

# ସ୍ୱାସ୍ଥ୍ୟମନ୍ତ୍ରୀ-ଏମ୍‌ସ

କେନ୍ଦ୍ର ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରୀ ଜଗତ ପ୍ରକାଶ ନଡ୍ଡା ଆଜି ଭୁବନେଶ୍ୱରସ୍ଥିତ ଏମ୍‌ସ୍ ପରିଦର୍ଶନ କରି କେନ୍ଦ୍ରୀୟ ଗବେଷଣା ପ୍ରୟୋଗଶାଳାର ଉଦ୍‌ଘାଟନ କରିଛନ୍ତି। ଏହି ଅବସରରେ ଏମ୍ସ ଭୁବନେଶ୍ୱର କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ଡକ୍ଟର ଆଶୁତୋଷ ବିଶ୍ୱାସ କହିଛନ୍ତି, କେନ୍ଦ୍ରୀୟ ଗବେଷଣା ପ୍ରୟୋଗଶାଳାର ଉଦ୍‌ଘାଟନ, ଏମ୍ସ ଭୁବନେଶ୍ୱରର ଗବେଷଣା କ୍ଷମତାକୁ ଏକ ନୂତନ ଶିଖରକୁ ନେବ। ଅତ୍ୟାଧୁନିକ ପ୍ରୟୋଗଶାଳାରେ ଡାକ୍ତର, ଗବେଷକ ଏବଂ ଛାତ୍ରଛାତ୍ରୀଙ୍କୁ ଅଭିନବ ସ୍ୱାସ୍ଥ୍ୟ ସେବାର ସମାଧାନ, ବିକାଶ ଏବଂ ଚିକିତ୍ସା କ୍ଷେତ୍ରକୁ ସଶକ୍ତ କରି ବୋଲି ଶ୍ରୀ ବିଶ୍ୱାସ କହିଛନ୍ତି।

କେନ୍ଦ୍ର ସ୍ୱାସ୍ଥ୍ୟମନ୍ତ୍ରୀଙ୍କ ଗସ୍ତ ସମୟରେ ଆଜି ବହୁମୁଖୀ (ଗ୍ୟାଷ୍ଟ୍ରୋନୋମୀ) ବ୍ଲକର ଭିତ୍ତି ପ୍ରସ୍ତର ସ୍ଥାପନ କରିଛନ୍ତି। ଗୋଟିଏ ସ୍ଥାନରେ ସବୁ ପ୍ରକାର ରୋଗୀ ସେବା ଯୋଗାଇ ଦେବା ପାଇଁ ଏମ୍ସ କର୍ତ୍ତୃପକ୍ଷ ବିଚାର କରୁଛନ୍ତି ବୋଲି ଶ୍ରୀ ନଡ୍ଡା କହିଛନ୍ତି। ଶ୍ରୀ ନଡ୍ଡା ଏମ୍‌ସ ଭୁବନେଶ୍ୱର ନୂତନ ୱେବ୍‌ସାଇଟ୍‌ର ମଧ୍ୟ ଉନ୍ମୋଚନ କରିଛନ୍ତି। ୱେବସାଇଟ୍ ମାଧ୍ୟମରେ ଲୋକମାନଙ୍କ ସହଜରେ ସ୍ୱାସ୍ଥ୍ୟସେବା ସମ୍ବନ୍ଧିତ ସୂଚନା ମିଳିପାରିବ। କେନ୍ଦ୍ର ସ୍ୱାସ୍ଥ୍ୟମନ୍ତ୍ରୀ  ଶ୍ରୀ ନଡ୍ଡା ତାଙ୍କର ଗସ୍ତ ସମୟରେ ଇ.ଏଚ୍.ଏସ୍. କ୍ଲିନିକ୍ ଓ ଅମୃତ ଫାର୍ମାସିକୁ ଆନୁଷ୍ଠାନିକ ଭାବେ ଉଦଘାଟନ କରିଛନ୍ତି।

*Puri*

# ସାଂସଦ ବିଧାୟକ ପ୍ରଶିକ୍ଷଣ

ଡାକ୍ତରଖାନା, ଅଙ୍ଗନବାଡ଼ି କେନ୍ଦ୍ର ଏବଂ ତୃଣମୂଳସ୍ତରକୁ ଯାଇ ଲୋକଙ୍କ ସହ ମିଶି ସେମାନଙ୍କର ସମସ୍ୟାର ସମାଧାନ କରିବା ପାଇଁ ବିଧାୟକ, ମନ୍ତ୍ରୀ ଏବଂ ସାଂସଦମାନଙ୍କୁ ବିଜେପି ରାଷ୍ଟ୍ରୀୟ ଅଧ୍ୟକ୍ଷ ଜେ.ପି. ନଡ୍ଡା ପରାମର୍ଶ ଦେଇଛନ୍ତି। ଆଜି ପୁରୀଠାରେ ସାଂସଦ ଓ ବିଧାୟକଙ୍କ ତିନିଦିନିଆ ପ୍ରଶିକ୍ଷଣ ଶିବିରକୁ ଆନୁଷ୍ଠାନିକ ଭାବେ ଉଦ୍‌ଘାଟନ କରି ଶ୍ରୀ ନଡ୍ଡା' ୧୪ଟି ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗ ଉପରେ ଆଲୋଚନା କରିଛନ୍ତି। ତୃଣମୂଳସ୍ତରରେ ଦଳ ଓ ସରକାରଙ୍କ ମଧ୍ୟରେ ଉତ୍ତମ ସମନ୍ୱୟ, ସରକାରଙ୍କ ଯୋଜନାଗୁଡ଼ିକୁ ଲୋକାଭିମୁଖୀ କରିବା ସମ୍ପର୍କରେ ଶିବିରରେ ପ୍ରଶିକ୍ଷଣ ଦିଆଯାଇଛି । ଆଜିର  କାର୍ଯ୍ୟକ୍ରମରେ ୨୦ ଜଣ ଲୋକସଭା ସାଂସଦ, ୭୮ ଜଣ ବିଜେପି ବିଧାୟକଙ୍କ ସମେତ ୩ ଜଣ ବିଜେପି ସମର୍ଥିତ ସ୍ୱାଧୀନ ବିଧାୟକ ଅଂଶଗ୍ରହଣ କରିଥିଲେ। ପ୍ରଶିକ୍ଷଣ ଶିବିର ସମ୍ପର୍କରେ ଗଣମାଧ୍ୟମକୁ ସୂଚନା ଦେଇ ସାଂସଦ ଜୁଏଲ ଓରାମ କହିଛନ୍ତି...

**- V/O -**

ଆସନ୍ତା ସୋମବାର ଦିନ ବିଜେପି ରାଷ୍ଟ୍ରୀୟ ଅଧ୍ୟକ୍ଷ ଶ୍ରୀ ନଡ୍ଡା ଦଳୀୟ କର୍ମୀଙ୍କ ସହ ଆଲୋଚନା କରିବାର କାର୍ଯ୍ୟସୂଚୀ ରହିଥିବା ଜଣାପଡ଼ିଛି।

*HS*

## ରାଜଧାନୀ ପ୍ରତିଷ୍ଠା ଦିବସ

ରାଜଧାନୀ ଭୁବନେଶ୍ୱରର ୭୭ତମ ପ୍ରତିଷ୍ଠା ଦିବସ ଆସନ୍ତାକାଲି ପାଳନ କରାଯିବ। ସମସ୍ତ ସରକାରୀ ବିଭାଗ ଓ ବିଏମ୍‌ସିର ସମନ୍ୱୟରେ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ ବୋଲି ଆଜି ଉନ୍ନୟନ କମିଶନରଙ୍କର ଅଧକ୍ଷତାରେ ଅନୁଷ୍ଠିତ ବୈଠକରେ ନିଷ୍ପତ୍ତି ନିଆଯାଇଛି। ଭୁବନେଶ୍ୱରର ୬୭ଟି ଓ୍ୱାର୍ଡରେ ବିଭିନ୍ନ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବାକୁ ଥିବା ବେଳେ ପ୍ରତ୍ୟେକ ବ୍ୟକ୍ତିଙ୍କୁ ଏହି କାର୍ଯ୍ୟକ୍ରମରେ ସାମିଲ କରିବାକୁ ବିଏମ୍‌ସି ପକ୍ଷରୁ ପଦକ୍ଷେପ ନିଆଯାଇଛି। ଆସନ୍ତାକାଲିର କାର୍ଯ୍ୟକ୍ରମରେ ରାଜ୍ୟପାଳ ଓ ବାଚସ୍ପତି ଯୋଗଦେବାର କାର୍ଯ୍ୟସୂଚୀ ରହିଛି। ଏହି ଅବସରରେ ବିଭିନ୍ନ କ୍ଷେତ୍ରରେ ପାରଦର୍ଶିତା ଲାଭ କରିବାକୁ ବ୍ୟକ୍ତିବିଶେଷଙ୍କୁ ରାଜଧାନୀ ଗୌରବ ସମ୍ମାନରେ ସମ୍ମାନିତ କରାଯିବ।

*Sonepur*

## ପ୍ରକଳ୍ପଗୁଡ଼ିକ ପରିଦର୍ଶନ

ରାଜ୍ୟ ହସ୍ତତନ୍ତ, ବୟନ ଓ ହସ୍ତଶିଳ୍ପ ତଥା ଜିଲ୍ଲା ନୋଡାଲ ସଚିବ ଗୁହା ପୁନମ ତାପସ କୁମାର ସୁବର୍ଣ୍ଣପୁର ଜିଲ୍ଲା ଗସ୍ତରେ ଯାଇ ବିଭିନ୍ନ ଉନ୍ନୟନମୂଳକ ପ୍ରକଳ୍ପଗୁଡ଼ିକୁ ପରିଦର୍ଶନ କରିଛନ୍ତି। ରୁଗୁଡ଼ିପାଲି ଅଙ୍ଗନବାଡ଼ି କେନ୍ଦ୍ରଠାରେ ସ୍ୱୟଂସହାୟକ ଗୋଷ୍ଠୀ, ସୁଭଦ୍ରା ହିତାଧିକାରୀ, ପ୍ରଧାନମନ୍ତ୍ରୀ ପୋଷଣ ହିତାଧିକାରୀମାନଙ୍କ ସହିତ ଯୋଜନାର କାର୍ଯ୍ୟକାରିତା ସମ୍ପର୍କରେ ଆଲୋଚନା କରିଛନ୍ତି। ସାଗରପାଲିର ବୁଣାକାର

ସୁବିଧା କେନ୍ଦ୍ର ବୁଲି ଦେଖିବା ସହ ଜିଲ୍ଲାର ପାଟବସ୍ତ୍ରର ଉତ୍ପାଦ ଓ ବିକ୍ରିବଟା ସମ୍ପର୍କରେ ବିଭିନ୍ନ ଉତ୍ପାଦ ଗୋଷ୍ଠୀଙ୍କ ସଚିବ ସହ ଆଲୋଚନା କରିଥିଲେ।

***Ganjam***

## କଇଁଛ ଅଣ୍ଡା

ଗଞ୍ଜାମ ଜିଲ୍ଲା ଋଷିକୂଲ୍ୟା ମୁହାଣ ସମୁଦ୍ର ଉପକୂଳରେ ଅଲିଭ ରିଡ୍‌ଲେ କଇଁଛଙ୍କ ଅଣ୍ଡା ଫୁଟିବା ପ୍ରକ୍ରିୟା ଆରମ୍ଭ ହୋଇଛି। କଇଁଛ ଛୁଆ ବେଳାଭୂମିରୁ ବାହାରି ସମୁଦ୍ର ଯିବା ପ୍ରକ୍ରିୟା ୪ରୁ ୫ ଦିନ ପର୍ଯ୍ୟନ୍ତ ଚାଲିବ ବୋଲି ଖଲ୍ଲିକୋଟ ବନବିଭାଗ ରେଞ୍ଜର ଦିବ୍ୟଶଙ୍କର ବେହେରା କହିଛନ୍ତି। ଋଷିକୂଲ୍ୟା ମୁହାଣର ଉଭୟପାର୍ଶ୍ୱରେ ଏଥିଲାଗି ସୁରକ୍ଷା ବ୍ୟବସ୍ଥାକୁ କଡ଼ାକଡ଼ି କରାଯାଇଛି। ଚଳିତ ବର୍ଷ ଋଷିକୂଲ୍ୟା ମୁହାଁଣ ବାଲୁକା ଶଯ୍ୟାରେ ରେକର୍ଡ ସଂଖ୍ୟକ ୯ ଲକ୍ଷ ଅଲିଭ ରିଡ୍‌ଲେ କଇଁଛ ଗଣ ଅଣ୍ଡାଦାନ କରିଥିଲେ। ଏହି ଅଣ୍ଡାଦାନ ପ୍ରକ୍ରିୟା ଦୁଇଟି ପର୍ଯ୍ୟାୟରେ ହୋଇଥିଲା।

***BHK.Ganjam/K.handi/Deogarh/Ke.para/B.garh/G.pati/N.pada***

## ଓଡ଼ିଆ ପକ୍ଷ

ଓଡ଼ିଆ ପକ୍ଷ-୨୦୨୫ ପାଳନର ଦ୍ୱାଦଶ ଦିନରେ ଆଜି ବନ୍ଦନୀୟ ବରପୁତ୍ରମାନଙ୍କୁ ସ୍ମରଣ କରି କାର୍ଯକ୍ରମମାନ ଅୟୋଜିତ ହୋଇଯାଇଛି। ପୁଣ୍ୟ ଏହି ମାଟିରେ ଯଶସ୍ୱୀ ସନ୍ତାନ ଦେଶ କରେ ଆଜି ତାଙ୍କର ଜୟଗାନର ବାର୍ତ୍ତା ନେଇ ଜିଲ୍ଲା ଏବଂ ବ୍ଲକସ୍ତରରେ ବିଭିନ୍ନ କାର୍ଯ୍ୟକ୍ରମର ଆୟୋଜନ କରାଯାଇଥିଲା।

ନୂଆପଡ଼ା ଜିଲ୍ଲା ସଦର ମହକୁମାସ୍ଥିତ ନ୍ୟାସନାଲ କଲେଜ ପରିସରରେ ଓଡ଼ିଆ ପକ୍ଷ ପାଳନ ଅବସରରେ ଆଜି ୧୦ ଜଣ ବରପୁତ୍ରଙ୍କ ବିଷୟରେ ଗବେଷଣାତ୍ମକ ନିବନ୍ଧ ଉପସ୍ଥାପନ କରାଯାଇଥିଲା। ଜିଲ୍ଲାପାଳ ମଧୁସୂଦନ ଦାସ ଏହି ଅବସରରେ ଯୋଗଦେଇ କହିଛନ୍ତି, ଓଡ଼ିଆ ସାହିତ୍ୟକୁ ସମୃଦ୍ଧ କରିବା କ୍ଷେତ୍ରରେ ନୂଆପଡ଼ା ଜିଲ୍ଲାର ଅବଦାନ ଅବିସ୍ମରଣୀୟ।

ଗଜପତି ଜିଲ୍ଲା ପ୍ରଶାସନ ଓ ସାହିତ୍ୟ ଏକାଡେମୀର ମିଳିତ ଆନୁକୂଲ୍ୟରେ ପାରଳାଖେମୁଣ୍ଡି ବାଳକ ଉଚ୍ଚବିଦ୍ୟାଳୟରେ ବରପୁତ୍ରମାନଙ୍କ ଜୀବନୀ ସମ୍ପର୍କରେ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଥିଲା। କାର୍ଯ୍ୟକ୍ରମରେ ସ୍ଥାନୀୟ ବୁଦ୍ଧିଜୀବୀ ଓ ଶିକ୍ଷକ, ଶିକ୍ଷୟିତ୍ରୀ ଯୋଗଦେଇ ବରପୁତ୍ରମାନଙ୍କ ସ୍ମୃତିଚାରଣ କରିଥିଲେ।

କେନ୍ଦ୍ରାପଡ଼ା ସାନ୍ଧ୍ୟ ମହାବିଦ୍ୟାଳୟ ପରିସରରେ ଏହି ଉତ୍ସବ ପାଳନ ଅବସରରେ ଅତିରିକ୍ତ ଜିଲ୍ଲାପାଳ ନିଲୁ ମହାପାତ୍ର ଯୋଗଦେଇ ଓଡ଼ିଆ ଭାଷାଭିତ୍ତିକ ରାଜ୍ୟ ଗଠନରେ ପ୍ରମୁଖ ଭୂମିକା ଗ୍ରହଣ କରିଥିବା ବରପୁତ୍ରମାନଙ୍କର ଅବଦାନ ଯୋଗୁଁ ଓଡ଼ିଆ ସାହିତ୍ୟ ସୁସମୃଦ୍ଧ ହୋଇପାରିଛି ବୋଲି କହିଛନ୍ତି।

ଓଡ଼ିଆ ବରପୁତ୍ରମାନଙ୍କର କୀର୍ତ୍ତି ସମ୍ପର୍କରେ ରାଜ୍ୟର ଯୁବପିଢ଼ିଙ୍କୁ ଅବଗତ କରିବା ଉଦ୍ଦେଶ୍ୟରେ ବରଗଡ଼ ପିଏମ୍‌ଶ୍ରୀ ବାଳିକା ଉଚ୍ଚବିଦ୍ୟାଳୟଠାରେ ଏକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି।

ଏଥିରେ ଜିଲ୍ଲାର ସମସ୍ତ ବିଦ୍ୟାଳୟ ଏବଂ ମହାବିଦ୍ୟାଳୟର ଛାତ୍ରଛାତ୍ରୀଙ୍କ ସମେତ ସ୍ଥାନୀୟ ଲେଖକ, କବି, ଶିକ୍ଷାବିତ୍ ଓ ଜିଲ୍ଲାସ୍ତରୀୟ ଅଧିକାରୀ ଯୋଗ ଦେଇଥିଲେ।

ଦେବଗଡ଼ ଜିଲ୍ଲା ପରିଷଦ ସମ୍ମିଳନୀ କକ୍ଷରେ ଆୟୋଜିତ କାର୍ଯ୍ୟକ୍ରମରେ ଜିଲ୍ଲାପାଳ କବୀନ୍ଦ୍ର କୁମାର ସାହୁ ଯୋଗଦେଇ ଓଡ଼ିଆ ଭାଷା ଓ ସାହିତ୍ୟର ବିକାଶରେ ଓଡ଼ିଶା ବରପୁତ୍ରମାନଙ୍କ ସମ୍ପର୍କରେ ଆଲୋଚନା କରିଥିଲେ। ଏହି ଅବସରରେ କବିତା ସଂକଳନ 'ଉତ୍ସବ ପ୍ରଧାନପାଟ' ପୁସ୍ତକ ଉନ୍ମୋଚିତ ହୋଇଥିଲା।

କଳାହାଣ୍ଡି ଜିଲ୍ଲାପାଳଙ୍କ ସମ୍ମିଳନୀ କକ୍ଷରେ ଆୟୋଜିତ ଉତ୍ସବରେ କଳାହାଣ୍ଡି ଓ ଓଡ଼ିଶାର ବରପୁତ୍ର ମାନଙ୍କ ସମ୍ପର୍କରେ ଏକ କବିତା ପାଠୋତ୍ସବ ଅନୁଷ୍ଠିତ ହୋଇଥିଲା।

ଢେଙ୍କାନାଳ ଜିଲ୍ଲା ସ୍ଥାନୀୟ ପୁରୁଣା ଜିଲ୍ଲା ପରିଷଦ ସଭାଗୃହରେ ଆୟୋଜିତ କାର୍ଯ୍ୟକ୍ରମରେ ସାହିତ୍ୟିକ ମାନେ ଯୋଗଦେଇ ଜିଲ୍ଲାର ବରପୁତ୍ରମାନଙ୍କର ସ୍ମୃତିଚାରଣ କରିଥିଲେ। ସମୃଦ୍ଧ ଓଡ଼ିଶା ଗଠନରେ ବରପୁତ୍ରମାନଙ୍କର ପ୍ରଦର୍ଶିତ ମାର୍ଗ ଅନୁସରଣ କରିବାର ଆବଶ୍ୟକତା ରହିଛି ବୋଲି ଏହି ଅବସରରେ ବକ୍ତାମାନେ କହିଥିଲେ।

ଭଦ୍ରକ ଜିଲ୍ଲା ସଂସ୍କୃତି ଭବନଠାରେ ଏହି ଅବସରରେ ଏକ ଆଲୋଚନଚକ୍ର ଅନୁଷ୍ଠିତ ହୋଇଥିଲା। ଜିଲ୍ଲାପାଳ ଦିଲ୍ଲୀପ ରାଉତରାୟ କାର୍ଯ୍ୟକ୍ରମରେ ଉପସ୍ଥିତ ରହି ଜିଲ୍ଲାର ବରପୁତ୍ରଙ୍କ ମାର୍ଗ ଅନୁସରଣ କରିବା ପାଇଁ ଯୁବପିଢ଼ିମାନଙ୍କୁ ପରାମର୍ଶ ଦେଇଥିଲେ।

*Puri*

## ଶ୍ରୀମନ୍ଦିର- ନୌକା ମରାମତି

ପୁରୀ ଶ୍ରୀମନ୍ଦିରରେ ଆଜି ପବିତ୍ର ଚୈତ୍ର ପୂର୍ଣ୍ଣିମା ତିଥିରେ ନରେନ୍ଦ୍ର ପୁଷ୍କରିଣୀରେ ନନ୍ଦା ଓ ଭଦ୍ରା ନୌକାକୁ ଭୋଇ ସେବକମାନେ ବାହାର କରିଛନ୍ତି। ଆସନ୍ତା ୩୦ ତାରିଖ ଦିନ ଅକ୍ଷୟ ତୃତୀୟ ପୂର୍ବରୁ ନୌକାର ମରାମତି କରାଯାଇ ସମସ୍ତ ପ୍ରସ୍ତୁତି ଶେଷ କରାଯିବ ବୋଲି ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ କୁହାଯାଇଛି। ଆସନ୍ତା ୩୦ ତାରିଖ ଅକ୍ଷୟ ତୃତୀୟା ଦିନଠାରୁ ୨୧ ଦିନ ଧରି ମହାପ୍ରଭୁ ନରେନ୍ଦ୍ର ପୁଷ୍କରିଣୀରେ ଚାପ ଖେଳିବେ। ସେହିପରି ଆଗାମୀ ରଥଯାତ୍ରା ପାଇଁ ଆଜି ପୁରୀରେ ରଥ ଦଉଡ଼ି ପହଁଞ୍ଚିଛି। ସୂଚନାଯୋଗ୍ୟ, ଚଳିତ ବର୍ଷ ରଥଯାତ୍ରା ପାଇଁ ୧୪ ଗୋଟି ରଥଟଣା ଦଉଡ଼ି ସହ ୧୨ ଗୋଟି ଘେର ଦଉଡ଼ି ଆସିଛି। ରାଜ୍ୟ କତା ନିଗମ ପକ୍ଷରୁ ଏହି ସମସ୍ତ ଦଉଡ଼ି ଶ୍ରୀମନ୍ଦିର ପ୍ରଶାସନକୁ ଯୋଗାଇ ଦିଆଯାଇଥିବା ଜଣାପଡ଼ିଛି।

***Baleswar***

## ଚଡ଼କ ମେଳା

ବାଲେଶ୍ୱର ଜିଲ୍ଲାର ଚନ୍ଦନେଶ୍ୱର ମହାପ୍ରଭୁଙ୍କର ପ୍ରସିଦ୍ଧ ପ୍ରାଦେଶିକ ଚଡ଼କ ମେଳାର ଆଜି ନୀଳପର୍ବ ପାଳନ କରାଯାଇଛି। ଜିଲ୍ଲା ତଥା ପଡ଼ୋଶୀ ରାଜ୍ୟ ପଶ୍ଚିମବଙ୍ଗରୁ ମାନସିକଧାରୀମାନେ ଉପବୀତ ଧାରଣ କରି ଉପବାସ ରହି ଚନ୍ଦନେଶ୍ୱରଙ୍କୁ ପୂଜା କରିଛନ୍ତି। ଆଜି ସନ୍ଧ୍ୟାରେ ମନ୍ଦିରର ନୀଳପୋଖରୀରେ ଥୁମ୍ବୀକାଠ ବାହାର କରାଯିବା ପରେ ମନ୍ଦିର ପରିକ୍ରମା କରିବା ପରେ ଅର୍ଘ୍ୟଜଳ ବଣ୍ଟନ କରାଯାଇଥିଲା। ଆସନ୍ତାକାଲି

ଚଡ଼କ ମେଳାର ପାଟପର୍ବ ଅନୁଷ୍ଠିତ ହେବା ସହ ଚଡ଼କ ମେଳା ଉଦ୍‌ଯାପିତ ହେବ।

***Kalahandi***

## ଚଳଚ୍ଚିତ୍ର ମହୋତ୍ସବ

କଳାହାଣ୍ଡି ଜିଲ୍ଲା ଭବାନୀପାଟଣାଠାରେ ଆସନ୍ତାକାଲିଠାରୁ ତିନିଦିନ ଧରି ୧୧ତମ ଅନ୍ତର୍ଜାତୀୟ ଶିଶୁ / ଯୁବ ଚଳଚ୍ଚିତ୍ର ମହୋତ୍ସବ ଅନୁଷ୍ଠିତ ହେବ। ଏଥିରେ ଦେଶ/ବିଦେଶର ୩୦ରୁ ଉର୍ଦ୍ଧ୍ୱ ଫିଚର ଫିଲ୍ମ ପ୍ରଦର୍ଶନ ହେବ। ଓଡ଼ିଶାରେ ପ୍ରଥମଥର ପାଇଁ ସିଫ୍‌ସି ପକ୍ଷରୁ ଏଭଳି ମହୋତ୍ସବର ଆୟୋଜନ କରାଯାଇଛି।

***BHK***

## ସବୁଜ ବାହିନୀ ପ୍ରକଳ୍ପ

ଭଦ୍ରକ ଜିଲ୍ଲା ସରକାରୀ ଉଚ୍ଚବିଦ୍ୟାଳୟରେ ଜିଲ୍ଲାସ୍ତରୀୟ ସବୁଜ ବାହିନୀ ପ୍ରକଳ୍ପ ପ୍ରଦର୍ଶନୀ ଉଦ୍‌ଘାଟିତ ହୋଇଯାଇଛି। ପରିବେଶକୁ ସ୍ୱଚ୍ଛ ରଖିବା ସହ ଏବଂ ସୁସ୍ଥ ନିରାମୟ ଜୀବନଧାରଣ ପାଇଁ କାର୍ଯ୍ୟକ୍ରମରେ ଜିଲ୍ଲାପାଳ ଦିଲ୍ଲୀପ ରାଉତରାୟ ଗୁରୁତ୍ୱାରୋପ କରିଥିଲେ। ଜିଲ୍ଲାର ୭ଟି ବ୍ଲକର ବିଭିନ୍ନ ବିଦ୍ୟାଳୟରୁ ୩୯ଟି ପ୍ରକଳ୍ପ ପ୍ରଦର୍ଶିତ କରାଯାଇ ଶ୍ରେଷ୍ଠ ପ୍ରତିଯୋଗିତାଙ୍କୁ ପୁରସ୍କୃତ କରାଯାଇଥିଲା।

***Baragarh***

## ମା'ଙ୍କ ଜଳଶାୟୀ

ବରଗଡ଼ର ଅଧିଷ୍ଠାତ୍ରୀ ଦେବୀ ମା' ସମଲେଇଙ୍କର ପୀଠରେ ଦେବୀଙ୍କର ଜଳଶାୟୀ ଉତ୍ସବ ଆଜି ଅନୁଷ୍ଠିତ ହୋଇଯାଇଛି। ଶ୍ରଦ୍ଧାଳୁମାନେ

ପ୍ରତ୍ୟୁଷରୁ ଜଳ ନେଇ ଦେବୀଙ୍କ ଉପରେ ଲାଗି କରିଥିଲେ। ଦେବୀ ସମଲେଈ ଜଳରେ ପୂର୍ଣ୍ଣ ହେବାପରେ ମା'ଙ୍କୁ ସ୍ୱତନ୍ତ୍ର ଉପଚାରରେ ପୂଜାର୍ଚ୍ଚନା କରାଯାଇଥିଲା। ୫୬ ପ୍ରକାର ଭୋଗ ଲାଗି କରାଯାଇ ଶ୍ରଦ୍ଧାଳୁମାନଙ୍କୁ ବଣ୍ଟନ କରାଯାଇଥିଲା।

***Desk***

# ପାଣିପାଗ

କାଳବୈଶାଖୀ ପ୍ରଭାବରେ କଟକ, ଭୁବନେଶ୍ୱର ସମେତ ରାଜ୍ୟର ବିଭିନ୍ନ ସ୍ଥାନରେ ବିଜୁଳି ଘଡ଼ଘଡ଼ି ସହ ବର୍ଷା ହୋଇଥିବା ଖବର ଆମର ହସ୍ତଗତ ହୋଇଛି। ଆସନ୍ତାକାଲି ୧୩ଟି ଜିଲ୍ଲାରେ ବର୍ଷା ହେବା ନେଇ ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ର ପକ୍ଷରୁ ସତର୍କ ସୂଚନା ଜାରି କରାଯାଇଛି। ଆସନ୍ତା ୨୪ ଘଣ୍ଟା ମଧ୍ୟରେ ମାଲକାଗିରି, କୋରାପୁଟ, ରାୟଗଡ଼ା, କନ୍ଧମାଳ, ଗଜପତି ଓ ଗଞ୍ଜାମ ଜିଲ୍ଲାରେ ୫୦ରୁ ୬୦ କିଲୋମିଟର ବେଗରେ ପବନ ବହିବା ସହ ବଜ୍ରପାତ ନେଇ ପାଣିପାଗ କେନ୍ଦ୍ର ପକ୍ଷରୁ ସତର୍କ ସୂଚନା ଜାରି କରାଯାଇଛି । ସୂଚନା ଅନୁସାରେ, ବୌଦ୍ଧ, ପାରଳାଖେମୁଣ୍ଡି, ବଲାଙ୍ଗୀର, ଝାରସୁଗୁଡ଼ା, ସୋନପୁର'ର ଆଜିର ଦିନ ତାପମାତ୍ରା ୪୦ ଡିଗ୍ରୀରୁ ଅଧିକ ଥିଲା। ଝାରସୁଗୁଡ଼ାରେ ସର୍ବାଧିକ ତାପମାତ୍ରା ୪୧ ଦଶମିକ ୬ ଡିଗ୍ରୀ ସେଲସିୟସ ରେକର୍ଡ କରାଯାଇଥିଲ। ସେହିଭଳି ଆଜି ବାରିପଦାରେ ୪୦ ମିଲିମିଟର ବର୍ଷା ହୋଇଥିବା ବେଳେ ଖୋର୍ଦ୍ଧାରେ ୧୨ ମିଲିମିଟର ବର୍ଷା ହୋଇଛି।

*****